# REGIONAL NEWS UNIT, AIR CUTTACK

**Morning Bulletin (7.05 AM)**

**31 December – 2025**

# ବରଗଡ ଧନୁଯାତ୍ରା-ମୁଖ୍ୟମନ୍ତ୍ରୀ

ବିଶ୍ୱ ପ୍ରସିଦ୍ଧ ବରଗଡ ଧନୁଯାତ୍ରା ମହୋତ୍ସବ ସାମାଜିକ ଜୀବନରେ ଆଧ୍ୟାତ୍ମିକତାର ଏକ ପୂର୍ଣ୍ଣ ନିଦର୍ଶନ ବୋଲି  ଗତକାଲି ସପ୍ତମ ଦିବସରେ ମହାରାଜ କଂସଙ୍କ ରାଜ ଅତିଥିଭବନରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ କହିଛନ୍ତି । ବରଗଡର ଏହି ଯାତ୍ରା କେବଳ ସେହି ଅଞ୍ଚଳର ଭାଷା ସଂସ୍କୃତି ନୁହେଁ ବରଂ ଏହା ଜନଜୀବନ ଓ ଅର୍ଥନୀତିକୁ ମଧ୍ୟ ପ୍ରଭାବିତ କରୁଛି ବୋଲି ସେ କହିଛନ୍ତି ।

**V/O**

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ୧୩କୋଟି ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ରାଜଦରବାର, ୧୧୪କୋଟି ଟଙ୍କା ବ୍ୟୟରେ ଜିରା ନଦୀ ଉପରେ ନିର୍ମିତ ହେବାକୁ ଥିବା ଆନିକଟ ଏବଂ ୪୦କୋଟି ବ୍ୟୟରେ ବରଗଡ କେନାଲ ଉପରେ ବକ୍ସ କଣ୍ଟୁଇଟ ନିର୍ମାଣର ଶୁଭାରମ୍ଭ କରିଛନ୍ତି । ଏଥିସହିତ ୧୩ଶହ ୬୨କୋଟି ୮୫ଲକ୍ଷ ଟଙ୍କାର ଅନ୍ୟାନ୍ୟ ୧୨୩ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଓ ଶିଳାନ୍ୟାସ ମୁଖ୍ୟମନ୍ତ୍ରୀ କରିଛନ୍ତି ।

## ଉପମୁଖ୍ୟମନ୍ତ୍ରୀ–ଲାଭାଂଶ ପ୍ରଦାନ

ରାଜ୍ୟ କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ ଅଧୀନରେ ଥିବା ତିନୋଟି ଉଦ୍ୟୋଗ ଓଡିଶା କୃଷି ଶିଳ୍ପ ନିଗମ, ଓଡିଶା ରାଜ୍ୟ ବିହନ ନିଗମ ଲିମିଟେଡ ଏବଂ ଓଡିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଲିମିଟେଡ ଲାଭାଂଶଭାବେ ରାଜ୍ୟ ସରକାରଙ୍କୁ ମୋଟ ୬କୋଟି ୩୯ଲକ୍ଷ ୯୭ହଜାର ପ୍ରଦାନ କରିଛନ୍ତି । ଓଡିଶା ଲୋକସେବା ଭବନ କାର୍ଯ୍ୟାଳୟଠାରେ ଗତକାଲି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କୁ ଲାଭାଂଶର ପ୍ରତିକାତ୍ମକ ଚେକ୍ ପ୍ରଦାନ କରାଯାଇଛି ।  ଓଡିଶା କୃଷି ଶିଳ୍ପ ନିଗମ-୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ୫କୋଟି ୨୩ଲକ୍ଷ ୭୪ହଜାର ଟଙ୍କା, ରାଜ୍ୟ ବିହନ ନିଗମ ଲିମିଟେଡ ୨୦୨୧-୨୨ଆର୍ଥିକ ବର୍ଷ ପାଇ ୨୩ଲକ୍ଷ ୨୦ହଜାର ଟଙ୍କା, ଓଡିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଲିମିଟେଡ-୨୦୨୨-୨୩ ଏବଂ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ମୋଟ ୯୩ଲକ୍ଷ ୨ହଜାର ଟଙ୍କା ପ୍ରଦାନ କରିଛନ୍ତି ।

## ଶ୍ରୀମନ୍ଦିର ଦର୍ଶନ

ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କୁ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧକ୍ଷତା ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିରର ନୀତିକାନ୍ତି ଅନୁଯାୟୀ ଆଜି ରାତି ୧୧ଟାଠାରୁ ଶ୍ରୀଜୀଉମାନଙ୍କ

ରାତି ପହୁଡ ନୀତି ଆରମ୍ଭ ହୋଇ ରାତି ୨ଟା ପର୍ଯ୍ୟନ୍ତ ବଳବତ୍ତର ରହିବ । ରାତି ୨ଟାରେ ଶ୍ରୀଜୀଉମାନଙ୍କ ଦ୍ୱାର ଫିଟାନୀତି ଅନୁଷ୍ଠିତ ହୋଇ ଶ୍ରଦ୍ଧାଳୁଙ୍କ ଦର୍ଶନ ନିମନ୍ତେ ଶ୍ରୀମନ୍ଦିର ଖୋଲା ରହିବ ।

## ଶ୍ରୀଜଗନ୍ନାଥ-ଜମି ସମସ୍ୟା ସମାଧାନ

ରାଜ୍ୟର ବିଭିନ୍ନ ସ୍ଥାନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ଥିବା ହଜାର ହଜାର ଏକର ଜମି ସମସ୍ୟାର ସମାଧାନ ପାଇଁ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର ଜମି ବନ୍ଦୋବସ୍ତ ନୀତିରେ ସଂଶୋଧନ ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଶ୍ରୀଜଗନ୍ନାଥଙ୍କ ନାମରେ ଥିବା ଜମିର ସଠିକ୍ ବନ୍ଦୋବସ୍ତ ଦୀର୍ଘଦିନ ଧରି ସ୍ଥାୟୀଭାବେ ବସବାସ କରୁଥିବା ଦଇତାପତି, ନିଯୋଗ, ସେବାୟତ ଓ ମଠଗୁଡିକୁ ଜମି ପ୍ରଦାନ ନେଇ ଥିବା ନୀତିରେ ସଂଶୋଧନ କରାଯିବା ଉପରେ ଆଲୋଚନା ହୋଇଥିଲା । ଜଗନ୍ନାଥଙ୍କ ସମ୍ପତ୍ତିକୁ ଜବରଦଖଲ ମୁକ୍ତ କରି ସର୍ବୋଚ୍ଚ ମୂଲ୍ୟରେ ଆବଣ୍ଟିତ କରିବା ନେଇ ପ୍ରସ୍ତାବ ସମ୍ପର୍କରେ ଆଲୋଚନା ହୋଇଥିବା ଜଣାପଡିଛି ।

## ମାଧୋ ସିଂଙ୍କ ବଳିଦାନ ଦିବସ

ଭାରତର ଇତିହାସରେ ସ୍ୱାଧୀନତା ପାଇଁ ବଳିଦାନ ଦେଇଥିବା ବରଗଡ ଜିଲ୍ଲାର ଘେଁସ ଜମିଦାର ସହିଦ ମାଧୋ ସିଂଙ୍କର ପୁଣ୍ୟତିଥିରେ ରାଜ୍ୟବାସୀ ଆଜି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି । ବୀର ସୁରେନ୍ଦ୍ର ସାଏଙ୍କର ପ୍ରେରଣାରେ ଇଂରେଜ ମାନଙ୍କର ରାଜସ୍ୱ ଆଦାୟ ନୀତିକୁ ବିରୋଧ କରି

ମାଧୋ ସିଂ ତତ୍କାଳୀନ ସରକାରଙ୍କ ରୋଷର ଶିକାର ହୋଇଥିଲେ । ଏକ ମିଥ୍ୟା ଅପରାଧ ଅଭିଯୋଗରେ ସମ୍ବଲପୁର ଜେଲ୍‌ରେ ୧୮୫୮ ମସିହା ଆଜିର ଦିନରେ ମାଧୋ ସିଂଙ୍କୁ ଫାଶୀ ଦିଆଯାଇଥିଲା । ମାଧୋ ସିଂଙ୍କ ବ୍ୟତୀତ ତାଙ୍କ ପରିବାର ଏବଂ ସମ୍ପର୍କୀୟଙ୍କ ମଧ୍ୟରୁ ଦେଶ ସ୍ୱାଧୀନତା ପାଇଁ ଯେଉଁମାନେ ପ୍ରାଣବଳୀ ଦେଇଛନ୍ତି ସେମାନେ ହେଲେ ହଟେ ସିଂ, କୁଞ୍ଜଲ ସିଂ, ବୈରୀ ସିଂ, ଐରୀ ସିଂ ଏବଂ ଗୋବିନ୍ଦ ସିଂ । ସହିଦ ଯୋଦ୍ଧା ମାଧୋ ସିଂଙ୍କ ବଳିଦାନକୁ ଚିର ସ୍ମରଣୀୟ ରଖିବା ପାଇଁ ରାଜ୍ୟ ସରକାର ୧୯୯୭ ମସିହାଠାରୁ ଆଜିର ଦିନକୁ ବୀରତା ଦିବସ ଭାବେ ପାଳନ କରି ଆସୁଛନ୍ତି ।

ବରଗଡର ଘେଁସଠାରେ ଆଜି ପୂର୍ବରୁ ୧୦ଟାରେ ହେବାକୁ ଥିବା ସହୀଦ ମାଧୋ ସିଂହ ସ୍ମୃତି ସମାରୋହ ଏବଂ ରାଜ୍ୟସ୍ତରୀୟ ବୀରତ୍ୱ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେବେ ।

# ଚଇତି ପର୍ବ

ରାୟଗଡା ଜିଲ୍ଲା କଳାସଂସ୍କୃତି ମହୋତ୍ସବ ଚଇତି’ ଗତକାଲି ଉଦ୍‌ଯାପିତ ହୋଇଯାଇଛି । ଉଦଯାପନୀ କାର୍ଯ୍ୟକ୍ରମରେ ସାଂସଦ ସପ୍ତଗିରି ଉଲାକା ଯୋଗଦେଇ ରାୟଗଡାକୁ ଦେଶରେ ଏକ ନମ୍ବର ଜିଲ୍ଲାଭାବେ ଗଢି ତୋଳିବା ପାଇଁ ପ୍ରୟାସ କରାଯିବା ଏବଂ ଚଇତି’ ପାଇଁ ଏକ ସ୍ଥାୟୀ ଜାଗା ଚିହ୍ନଟ ପାଇଁ ଯୋଜନା କରାଯାଉଛି ବୋଲି କହିଛନ୍ତି । ଚଳିତବର୍ଷ

ଆୟୋଜିତ ୫ଦିନ ପଲ୍ଲିଶ୍ରୀ ମେଳାରେ ପ୍ରାୟ ୬କୋଟି ୨୪ଲକ୍ଷ ଟଙ୍କା ବ୍ୟବସାୟ ରେକର୍ଡ ହୋଇଥିବା ଜଣାପଡିଛି।

## ରେଳଷ୍ଟେସନ ନବୀକରଣ

ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ସୁନ୍ଦରଗଡ ଜିଲ୍ଲାର ବିମଳାଗଡ ସହିତ ୫୯ ରେଳଷ୍ଟେସନକୁ ନବୀକରଣ କରାଯାଇଛି । ନବୀକରଣ କାର୍ଯ୍ୟ ଦ୍ୱାରା ଷ୍ଟେସନକୁ ଅଧିକ ସ୍ୱଚ୍ଛ, ସୁରକ୍ଷିତ ଏବଂ ଯାତ୍ରୀ ଅନୁକୂଳ କରାଯିବ। ବିମଳାଗଡ ଷ୍ଟେସନରେ ଏକ ନୂତନ ଷ୍ଟେସନ କୋଠା, ଉନ୍ନତ ପ୍ଲାଟଫର୍ମ, ଦିବ୍ୟାଙ୍ଗ ପାଇଁ ସ୍ୱତନ୍ତ୍ର ସୁବିଧା ଆଦି କରାଯାଇଛି । ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ବିମଳାଗଡ ଷ୍ଟେସନର ଆଧୁନିକୀକରଣ, ସମାବେଶୀ ଏବଂ ଯାତ୍ରୀକେନ୍ଦ୍ରିତ ରେଳଭିତ୍ତିଭୂମିର ପୁର୍ନବିକାଶ କରାଯାଇଛି।

## ଭିତ୍ତିପ୍ରସ୍ତର

ଭଦ୍ରକ ସହରର ଅପତିବିନ୍ଧା ଛକଠାରୁ ଶନିମନ୍ଦିର ଛକ ପର୍ଯ୍ୟନ୍ତ ସାଢେ ୧୭କୋଟି ଟଙ୍କା ବ୍ୟୟରେ ରାସ୍ତାର ଉନ୍ନତୀ ଓ ପ୍ରଶସ୍ତୀକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର କରାଯାଇଛି । କାର୍ଯ୍ୟକ୍ରମରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟକ ସୀତାଶୁ ଶେଖର ମହାପାତ୍ର ଉପସ୍ଥିତ ଥିଲେ ।

## ସଚେତନତା କାର୍ଯ୍ୟକ୍ରମ

ମାଲକାନଗିରି ଜିଲ୍ଲାରେ ଗତ ଦୁଇସପ୍ତାହ ଧରି ଲିଙ୍ଗ ଭିତିକ ହିଂସା ବିରୁଦ୍ଧରେ ସଚେତନତା କାର୍ଯ୍ୟକ୍ରମ ଗତକାଲି ଉଦ୍‌ଯାପିତ ହୋଇଯାଇଛି । ମହିଳା ଓ କନ୍ୟାମାନଙ୍କ ଉପରେ ଦେଖାଦେଉଥିବା ହିଂସା ଏବଂ ଆଇନଗତ ସୁରକ୍ଷା ବାବଦରେ ଗତକାଲି ଜିଲ୍ଲା ପରିଷଦ ସଭାଗୃହରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ଆଲୋଚନା ହୋଇଥିଲା ।

## ମତ୍ସ୍ୟ ଓ ପ୍ରାଣୀ ସମ୍ପଦମେଳା

କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ଲାଲବାହାଦୂରଶାସ୍ତ୍ରୀ ଷ୍ଟାଡିୟମଠାରେ ଦୁଇଦିନିଆ ମତ୍ସ୍ୟ ଓ ପ୍ରାଣୀ ସମ୍ପଦମେଳା ଆରମ୍ଭ ହୋଇଛି । ଜିଲ୍ଲାର ସଫଳ ମାଛଚାଷୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀକୁ ଏହି ଅବସରରେ ପୁରସ୍କୃତ କରାଯାଇଛି ।

## ନୃତ୍ୟ ମହୋତ୍ସବ

ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁ କେଳୁଚରଣ ଓଡିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ଆୟୋଜିତ ଆନ୍ତର୍ଜାତୀୟ ଓଡିଶୀ ନୃତ୍ୟ ମହୋତ୍ସବ ଗତକାଲି ଉଦ୍‌ଯାପିତ ହୋଇଯାଇଛି । ରାସେଶ୍ୱରଙ୍କ ରାସଲୀଳା ପ୍ରଦର୍ଶିତ ହୋଇଥିଲା । ବିଶିଷ୍ଟ କଳାକାରମାନେ ଯୋଗଦେଇ ନୃତ୍ୟ ପରିବେଷଣ କରିଥିଲେ । ଚଳିତବର୍ଷ ଆନ୍ତର୍ଜାତୀୟ

ଓଡିଶୀ ନୃତ୍ୟ ମହୋତ୍ସବରେ ପ୍ରାୟ ୩୫୦ ନୃତ୍ୟଶିଳ୍ପୀ ଅଂଶଗ୍ରହଣ କରିଥିବାବେଳେ ଦେଶବାହାରୁ ୧୫ଜଣ ଅଂଶଗ୍ରହଣ କରିଥିଲେ ।